# ଓଡିଶା ଧାର୍ମିକ ସ୍ୱାଧୀନତା ଆଇନ୍, ୧୯୬୭

(୧୯୬୮ର ଆଇନ୍ ସଂଖ୍ୟା ୨)

ବଳପ୍ରୟୋଗ, ପ୍ରଲୋଭନ ବା ପ୍ରବଞ୍ଚନାତ୍ମକ ଉପାୟରେ ଧର୍ମାନ୍ତରୀକରଣକୁ ନିଷେଧ କରିବା ତଥା ତହିଁର ଆନୁଷଙ୍ଗିକ ବ୍ୟାପାରରେ ପ୍ରାବ୍‌ଧାନ ପ୍ରସ୍ତୁତ କରିବା ପାଇଁ ଏକ ଆଇନ୍ ,

ଭାରତୀୟ ପ୍ରଜାତନ୍ତ୍ରର ଅଷ୍ଟାଦଶ ବର୍ଷରେ ରାଜ୍ୟ ବିଧାନସଭା ଦ୍ୱାରା ନିମ୍ନମତେ ପ୍ରଣୟନ କରାଯାଉଛି -

**୧. ସଂକ୍ଷିପ୍ତ ଶିରୋନାମା, ପରିସର ଓ ପ୍ରାରମ୍ଭ :**

(୧) ଏହି ଆଇନ୍‌କୁ ଓଡିଶା ଧାର୍ମିକ ସ୍ୱାଧୀନତା ଆଇନ୍, ୧୯୬୭ ବୋଲି କୁହାଯାଇପାରେ ।

(୨) ସମଗ୍ର ଓଡିଶା ରାଜ୍ୟରେ ଏହା ଲାଗୁ ହେବ ।

(୩) ଏହା ତତ୍‌କ୍ଷଣାତ୍ ବଳବତ୍ତର ହେବ ।

**୨. ସଂଜ୍ଞାମାନ:**

ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ କରୁନଥିଲେ:

(ଏ) ‘**ଧର୍ମାନ୍ତରୀକରଣ**’ କହିଲେ ଗୋଟିଏ ଧର୍ମକୁ ତ୍ୟାଗ କରି ଅନ୍ୟ ଏକ ଧର୍ମକୁ ଗ୍ରହଣ କରିବା;

(ବି) ‘**ବଳପ୍ରୟୋଗ**’ର ଅର୍ଥ ଭିତରେ ଅନ୍ତର୍ଭୁକ୍ତ ହେବ, ବଳପ୍ରଦର୍ଶନ ବା ଯେ କୌଣସି ପ୍ରକାର କ୍ଷତି ଘଟାଇବା ପାଇଁ ଡରେଇବା, ଏବଂ ଏହି ଡର ଭିତରେ ଅନ୍ତର୍ଭୁକ୍ତ ହେବ ଦୈବିକ ଅଶାନ୍ତି ବା ସାମାଜିକ ବାଛନ୍ଦର ଭୟ ;

(ସି) ‘**ପ୍ରବଞ୍ଚନା**’ କହିଲେ ଅସତ୍ୟ-ଚିତ୍ରଣ ବା ଅନ୍ୟ କୌଣସି ପ୍ରକାର ପ୍ରବଞ୍ଚନାତ୍ମକ କୌଶଳ;

(ଡି) ‘**ପ୍ରଲୋଭନ**’ର ଅର୍ଥ ଭିତରେ ଅନ୍ତର୍ଭୁକ୍ତ ହେବ ଅର୍ଥ ବା ସାମଗ୍ରୀ ଆକାରରେ କୌଣସି ପ୍ରକାର ପୁରସ୍କାର-ପ୍ରଦାନ ବା ତୁଷ୍ଟୀକରଣର ଆଶା ଦେଖାଇବା, ଏବଂ ଏହା ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ହେବ ଆର୍ଥିକ ବା ଅନ୍ୟ କୌଣସି ସୁବିଧାର ଅନୁଦାନ ;

(ଇ) ‘**ନାବାଳକ**’ କହିଲେ ୧୮ ବର୍ଷରୁ କମ୍ ବୟସର ଜଣେ ବ୍ୟକ୍ତି ।

**୩. ବଳପୂର୍ବକ ଧର୍ମାନ୍ତରୀକରଣର ନିଷେଧ:**

ବଳ ପ୍ରୟୋଗ, ପ୍ରଲୋଭନ କିମ୍ବା ଅନ୍ୟ କୌଣସି ପ୍ରବଞ୍ଚନାତ୍ମକ ଉପାୟରେ କୌଣସି ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଗୋଟିଏ ଧାର୍ମିକ ବିଶ୍ୱାସ ବଦଳରେ ଆଉ ଏକ ଧାର୍ମିକ ବିଶ୍ୱାସରେ ଦୀକ୍ଷିତ କରିବେ ନାହିଁ କିମ୍ବା ଏଥିପାଇଁ ଉଦ୍ୟମ କରିବେ ନାହିଁ ଏବଂ କୌଣସି ବ୍ୟକ୍ତି ଏପ୍ରକାର ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେବେ ନାହିଁ।

**୪. ଧାରା ୩ର ପ୍ରାବ୍‌ଧାନକୁ ଉଲ୍ଲଂଘନ ପାଇଁ ଦଣ୍ଡବିଧାନ:**

ଧାରା ୩ ଅଧୀନସ୍ଥ ପ୍ରାବ୍‌ଧାନଗୁଡିକୁ କେହି ବ୍ୟକ୍ତି ଉଲ୍ଲଂଘନ କଲେ, ଏଥିପାଇଁ ତାଙ୍କର ଦେଓ୍ୱାନି ଦାୟଦାୟିତ୍ୱକୁ କୌଣସି ପ୍ରକାରେ ନ୍ୟୂନ ନ କରି ତାଙ୍କୁ ଉଭୟ ପ୍ରକାରର କାରାଦଣ୍ଡ ଭିତରୁ କୌଣସି ଗୋଟିଏ ପ୍ରକାରର କାରାଦଣ୍ଡ ବର୍ଷକ ପର୍ଯ୍ୟନ୍ତ ଭୋଗିବାକୁ ପଡିପାରେ ଅଥବା ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିପାରେ ଅଥବା ଉଭୟ ଦଣ୍ଡ ଭୋଗିବାକୁ ପଡିପାରେ;

**ପରନ୍ତୁ,** ଯେଉଁ ସ୍ଥଳେ ଜଣେ ନାବାଳକ, ମହିଳା ଅଥବା ଅନୁସୂଚୀତ ଜାତି ବା ଅନୁସୂଚୀତ ଜନଜାତି ଅନ୍ତର୍ଗତ କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଏତାଦୃଶ ଅପରାଧ ଘଟିତ ହୋଇଥାଏ, ସେପରି ସ୍ଥଳେ କାରାଦଣ୍ଡ ୨ ବର୍ଷ ପର୍ଯ୍ୟନ୍ତ ଏବଂ ଜୋରିମାନା ଦଶହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ।

**୫. ଅପରାଧର ଚରିତ୍ର ଧର୍ତ୍ତବ୍ୟ ହେବ:**

ଏହି ଆଇନ୍ ଅଧୀନରେ ଏକ ଅପରାଧ ଧର୍ତ୍ତବ୍ୟ ହେବ ଏବଂ ପୋଲିସ୍ ଇନ୍‌ସ୍ପେକ୍ଟର୍‌ଙ୍କ ଠାରୁ ନିମ୍ନ ପାହ୍ୟାର ଜଣେ ଅଧିକାରୀ ଏହାକୁ ତଦନ୍ତ କରିବେ ନାହିଁ।

**୬. ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ମଞ୍ଜୁରି କ୍ରମେ ଅଭିଯୋଜନ:**

ଏହି ଆଇନ୍ ଅଧୀନରେ ଏକ ଅପରାଧର ଅଭିଯୋଜନ ଜିଲ୍ଲା ମାଜିଷ୍ଟ୍ରେଟ୍ କିମ୍ବା ତାଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟରେ ପ୍ରାଧିକୃତ ଜଣେ କର୍ତ୍ତୃପକ୍ଷଙ୍କ ମଞ୍ଜୁରି ବିନା ପରିଚାଳିତ ହୋଇପାରିବନି, ଏବଂ ଏହି କର୍ତ୍ତୃପକ୍ଷ ଉପଖଣ୍ଡୀୟ ଅଧିକାରୀ (ସବ୍-ଡିଭିଜନାଲ୍ ଅଫିସର୍)ଙ୍କ ପାହ୍ୟାର ଅଧସ୍ତନ ହୋଇନଥିବେ।

**୭. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା:**

ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିପାରନ୍ତି।

## ଓଡିଶା ଧାର୍ମିକ ସ୍ୱାଧୀନତା ନିୟମାବଳୀ, ୧ ୯ ୮ ୯

ଓଡିଶା ଧାର୍ମିକ ସ୍ୱାଧୀନତା ଆଇନ୍, ୧ ୯ ୬ ୭ ( ୧ ୯ ୬ ୮ ର ସଂଖ୍ୟା ୨ )ର ଧାରା ୭ ବଳରେ ନ୍ୟସ୍ତ କ୍ଷମତାସମୂହର ପ୍ରୟୋଗାର୍ଥେ ଓଡିଶା ରାଜ୍ୟ ସରକାର ଏତଦ୍ୱାରା ନିମ୍ନୋକ୍ତ ନିୟମାବଳୀ ପ୍ରଣୟନ କରୁଛନ୍ତି, ଯଥା :

**୧. ସଂକ୍ଷିପ୍ତ ଶିରୋନାମା :**

( ୧ ) ଏହି ନିୟମାବଳୀକୁ ଓଡିଶା ଧାର୍ମିକ ସ୍ୱାଧୀନତା ନିୟମାବଳୀ କୁହାଯାଇପାରେ ।

( ୨ ) ସେଗୁଡିକ ସରକାରୀ ଗେଜେଟ୍‌ରେ ପ୍ରକାଶିତ ହେବା ତାରିଖରୁ ବଳବତ୍ତର ହେବ ।

**୨. ସଂଜ୍ଞାମାନ:**

( ୧ ) ପରିପ୍ରେକ୍ଷି ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ନିୟମାବଳୀରେ-

(ଏ) **'ଆଇନ୍'** କହିଲେ ଓଡିଶା ଧାର୍ମିକ ସ୍ୱାଧୀନତା ଆଇନ୍, ୧ ୯ ୬ ୭ ( ୧ ୯ ୬ ୮ ର ସଂଖ୍ୟା ୨ );

(ବି) **'ସଂଗଠନ'** କହିଲେ ଧାର୍ମିକ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରାଧିକୃତ ହୋଇଥିବା ବ୍ୟକ୍ତିମାନଙ୍କର ସଂସ୍ଥା, ଯେଉଁମାନେ କି ଦେଶ ଭିତରେ ଓ ବାହାରେ ବିଭିନ୍ନ ଧର୍ମଗୁଡିକର ଆଧ୍ୟାତ୍ମିକ ଚିନ୍ତନସମୂହକୁ ବ୍ୟାଖ୍ୟାନ କରିଥାନ୍ତି ;

(ସି) **'ଫର୍ମ'** କହିଲେ ଏହି ନିୟମାବଳୀ ସହ ସଂଲଗ୍ନ ହୋଇଥିବା ଫର୍ମ ;

(ଡି) **'ସରକାର'** କହିଲେ ଓଡିଶା ସରକାର ;

(ଇ) **'ଧାର୍ମିକ ଅନୁଷ୍ଠାନସମୂହ'** କହିଲେ ବିଭିନ୍ନ ଧାର୍ମିକ କର୍ତ୍ତୃପକ୍ଷଗଣ, ଯେ କି ଦେଶ ଏବଂ ବିଦେଶରେ ଧାର୍ମିକ ଚିନ୍ତନସମୂହକୁ ବ୍ୟାଖ୍ୟାନ କରିଥାନ୍ତି ;

(ଏଫ୍) **'ରାଜ୍ୟ'** ବୋଇଲେ ଓଡିଶା ରାଜ୍ୟ ।

( ୨ ) ଅନ୍ୟ ସମସ୍ତ ଶବ୍ଦାବଳୀ ଏବଂ ଉକ୍ତିସମୂହ, ଯେଉଁଗୁଡିକ ଏହି ନିୟମାବଳୀରେ ବ୍ୟବହୃତ ହୋଇଛି ଅଥଚ ସଂଜ୍ଞାୟିତ ହୋଇନାହିଁ , ସେଗୁଡିକ ସେହି ଅର୍ଥ ବହନ କରିବ, ଯାହାକି ଯଥାକ୍ରମେ ସେଗୁଡିକ ଉପରେ ଆଇନ୍‌ରେ ନ୍ୟସ୍ତ କରାଯାଇଛି ।

୩. **ଧାର୍ମିକ ଅନୁଷ୍ଠାନସମୂହ ଏବଂ ସଂଗଠନଗୁଡିକର ତାଲିକା :**

(୧) ପ୍ରତି ଜିଲ୍ଲା ମାଜିଷ୍ଟ୍ରେଟ୍ ନିଜ ଜିଲ୍ଲା ଭିତରେ ଧାର୍ମିକ ବିଶ୍ୱାସର ପ୍ରଚାର କରୁଥିବା ଧାର୍ମିକ ଅନୁଷ୍ଠାନମାନ ଏବଂ ସଂଗଠନସମୂହର ତଥା ଜିଲ୍ଲା ଭିତରେ ଧାର୍ମିକ ବିଶ୍ୱାସର ପ୍ରସାରଣରେ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ନିୟୋଜିତ ହେଉଥିବା ବ୍ୟକ୍ତିମାନଙ୍କର ଏକ ତାଲିକା ଅନୁରକ୍ଷଣ କରିବେ;

(୨) ଯଦି ଜିଲ୍ଲା ମାଜିଷ୍ଟ୍ରେଟ୍ ଉପଯୁକ୍ତ ମନେ କରନ୍ତି, ତେବେ ସେ ପ୍ରତି ଧାର୍ମିକ ବିଶ୍ୱାସ ସହିତ ସଂଯୁକ୍ତ ସେହିସବୁ ବ୍ୟକ୍ତିମାନଙ୍କର ତାଲିକା ମଗାଇପାରନ୍ତି, ଯେଉଁମାନେ କି ଧାର୍ମିକ ସଂଗଠନ ଏବଂ ଅନୁଷ୍ଠାନସମୂହ ଠାରୁ ଅଥବା ସେମାନଙ୍କ ସହ ସଂଶ୍ଳିଷ୍ଟ କୌଣସି ବ୍ୟକ୍ତିଙ୍କ ଠାରୁ ଅର୍ଥ ବା ସାମଗ୍ରୀ ଆକାରରେ ସୁବିଧାମାନ ପାଉଥିବେ ।

୪. **ଧର୍ମାନ୍ତର ପୂର୍ବରୁ ଘୋଷଣା:**

କୌଣସି ବ୍ୟକ୍ତି ନିଜ ଧର୍ମରୁ ଧର୍ମାନ୍ତରିତ ହେବାକୁ ଚାହିଁଲେ ଏହି ଧର୍ମାନ୍ତରଣ ପୂର୍ବରୁ ସେ କ୍ଷେତ୍ରାଧିକାର ଥିବା ଜଣେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ଙ୍କ ସମ୍ମୁଖରେ ଏକ ଘୋଷଣା କରିବେ ଯେ, ସେ ସ୍ୱ-ଇଚ୍ଛାରେ ନିଜର ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ।

୫. **ଉତ୍ସବ ସମ୍ବନ୍ଧରେ ଅବଗତି :**

(୧) ଯେଉଁ ଉତ୍ସବ ଜରିଆରେ ଧର୍ମାନ୍ତରଣ ସମ୍ପାଦିତ ହେବ, ତହିଁର ତାରିଖ, ସମୟ ଏବଂ ସ୍ଥାନ ସମ୍ବନ୍ଧରେ ଉତ୍ସବର ୧୫ ଦିନ ପୂର୍ବରୁ ସଂପୃକ୍ତ ଧର୍ମ-ପୁରୋହିତ ଧର୍ମାନ୍ତରିତ ହେବାକୁ ଯାଉଥିବା ବ୍ୟକ୍ତିମାନଙ୍କର ନାମ ଓ ଠିକଣାସବୁକୁ ସଂପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ଙ୍କୁ ଅବଗତ କରାଇବେ ।

(୨) ଏହି ଅବଗତି 'ଫର୍ମ- ଏ' ଅନୁଯାୟୀ କରାଯିବ ଏବଂ ଏହାକୁ ପୁରୋହିତ ନିଜେ ବ୍ୟକ୍ତିଗତ ଭାବେ ସଂପୃକ୍ତ ମାଜିଷ୍ଟ୍ରେଟ୍ଙ୍କ ନିକଟରେ ଦାଖଲ କରିବେ ନଚେତ୍ ତାଙ୍କ ପାଖକୁ ସ୍ୱୀକୃତି-ପ୍ରାପ୍ୟ ରେଜିଷ୍ଟର୍ଡ ଡାକ ଯୋଗେ ପଠାଇବେ ।

(୩) ଉପ-ନିୟମ (୨) ଅଧୀନସ୍ଥ ଅବଗତି ପାଇଲା ପରେ ଜିଲ୍ଲା ମାଜିଷ୍ଟ୍ରେଟ୍ ସଂପୃକ୍ତ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ଏ ବିଷୟରେ ବିଶଦ୍ ସୂଚନା ଦେବେ, ଏବଂ ଏସ୍.ପି.

ଏହି ସୂଚନାକୁ ସଂପୃକ୍ତ ପୋଲିସ୍ ଥାନାକୁ ପ୍ରେରଣ କରିବେ ଏବଂ ସେହି ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରସ୍ତାବିତ ଧର୍ମାନ୍ତରଣ ସମ୍ବନ୍ଧରେ କୌଣସି ଆପତ୍ତି ଅଛି କି ନାହିଁ, ତାହା ଏକ ସ୍ଥଳ-ବିଶେଷ ଅନୁସନ୍ଧାନ ମାଧ୍ୟମରେ ନିର୍ଣ୍ଣୟ କରିବେ ଏବଂ ସେ ବିଷୟରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇଦେବେ ।

**୬. ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପ୍ରାପ୍ତି-ସ୍ୱୀକାର ରସିଦ ପ୍ରଦାନ:**

ପୁରୋହିତଙ୍କ ଠାରୁ ଅବଗତି ହାସଲ କରିବା ପରେ ଜିଲ୍ଲା ମାଜିଷ୍ଟ୍ରେଟ୍ କେଉଁ ତାରିଖ ଏବଂ କେଉଁ ସମୟରେ ଏତାଦୃଶ ଅବଗତି ତାଙ୍କୁ ପ୍ରାପ୍ତ ହୋଇଛି ବା ତାଙ୍କର ହସ୍ତଗତ ହୋଇଛି, ସେ ବିଷୟ ଉଲ୍ଲେଖ କରି ତା ଉପରେ ସ୍ୱାକ୍ଷର କରିବେ ତଥା ତତ୍‌କ୍ଷଣାତ୍ ଫର୍ମ-'ବି' ରେ ଏହାର ପ୍ରାପ୍ତି-ସ୍ୱୀକାର ସୂଚୀତ କରିବେ ।

**୭. ଧର୍ମାନ୍ତରଣ ପାଇଁ ରେଜିଷ୍ଟର୍ :**

ଜିଲ୍ଲା ମାଜିଷ୍ଟ୍ରେଟ୍ ଫର୍ମ 'ସି'ରେ ଧର୍ମାନ୍ତରଣର ଏକ ରେଜିଷ୍ଟର ଅନୁରକ୍ଷଣ କରିବେ ଏବଂ ତାଙ୍କୁ ହସ୍ତଗତ ହୋଇଥିବା ଅବଗତି ସଂପର୍କୀତ ତଥ୍ୟାବଳୀକୁ ସେ ଏଥିରେ ଦରଜ କରିବେ ।

**୮. ଦଣ୍ଡବିଧାନ :**

କୌଣସି ବ୍ୟକ୍ତି ନିୟମ-୫ ଅଥବା ନିୟମ-୬ ଅଧୀନସ୍ଥ ପ୍ରାବ୍‌ଧାନଗୁଡିକୁ ଉଲ୍ଲଂଘନ କଲେ ସେ ଏକ ହଜାର ଟଙ୍କାର ଜୋରିମାନା ଦେବା ପାଇଁ ଦାୟୀ ରହିବେ ।

**୯. ସରକାରଙ୍କୁ ବିବରଣୀ ଦାଖଲ:**

ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରତି ମାସର ଦଶ ତାରିଖରେ ପୂର୍ବବର୍ତ୍ତୀ ମାସରେ ତାଙ୍କ ଦ୍ୱାରା ହସ୍ତଗତ ହୋଇଥିବା ଅବଗତିଗୁଡିକର ଏକ ବିବରଣୀ ଫର୍ମ-'ଡି'ରେ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବେ ।

# ଫର୍ମ- ଏ

## ଗୋଟିଏ ଧାର୍ମିକ ବିଶ୍ୱାସରୁ ଆଉ ଏକ ଧାର୍ମିକ ବିଶ୍ୱାସକୁ ପରିବର୍ତ୍ତନ କରିବା ସମ୍ବନ୍ଧରେ ଅବଗତି

ପ୍ରାପ୍ତେଷୁ,
ଜିଲ୍ଲା ମାଜିଷ୍ଟ୍ରେଟ୍,
ଜିଲ୍ଲା . . . . . . . .

ମହାଶୟ,

ମୁଁ ଜଣେ ଧର୍ମ ପୁରୋହିତ ଭାବେ ଶ୍ରୀ . . . . . . ପିତା . . . . . . . ନିବାସୀ . . . . . ଙ୍କୁ . . . . . . ଧାର୍ମିକ ବିଶ୍ୱାସରୁ . . . . . ଧାର୍ମିକ ବିଶ୍ୱାସକୁ ପରିବର୍ତ୍ତନ ପାଇଁ ଆବଶ୍ୟକୀୟ ଉତ୍ସବ ସମ୍ପାଦନ କରିବା ପାଇଁ ଆଗ୍ରହୀ ଅଟେ ଏବଂ ଏତଦ୍ୱାରା ଓଡିଶା ଧାର୍ମିକ ସ୍ୱାଧୀନତା ନିୟମାବଳୀ, ୧୯୮୯ର ନିୟମ-୫ ଅନ୍ତର୍ଗତ ଉପନିୟମ ଅଧୀନସ୍ଥ ଆବଶ୍ୟକତା ଅନୁଯାୟୀ ଏହି ଧର୍ମାନ୍ତରଣ ସମ୍ବନ୍ଧରେ ନିମ୍ନମତେ ଆପଣଙ୍କୁ ଅବଗତି ପ୍ରଦାନ କରୁଛି –

୧. ଧର୍ମାନ୍ତରିତ ହେବାକୁ ଯାଉଥିବା ବ୍ୟକ୍ତିଙ୍କ ନାମ . . . . . . . .

୨. ଧର୍ମାନ୍ତରିତ ହେବାକୁ ଯାଉଥିବା ବ୍ୟକ୍ତିଙ୍କ ପିତାଙ୍କ ନାମ . . . . . .

୩. ଧର୍ମାନ୍ତରିତ ହେବାକୁ ଯାଉଥିବା ବ୍ୟକ୍ତିଙ୍କ ପୁରା ଠିକଣା . . . . . . .
ଘର ନମ୍ବର . . . . . ଓ୍ୱାର୍ଡ ନମ୍ବର . . . . . .
ମହଲା ନମ୍ବର . . . . . . . .
ଗ୍ରାମ . . . . .
ତହସିଲ୍ . . . . . . .
ଜିଲ୍ଲା . . . . . .

୪. ବୟସ . . . . .

୫. ଲିଙ୍ଗ . . . . .

୬. ଧର୍ମାନ୍ତରିତ ହେବାକୁ ଯାଉଥିବା ବ୍ୟକ୍ତିଙ୍କ ପେଷା ଏବଂ ମାସିକ ଆୟ . . . . . .

୭. ବିବାହିତ କି ଅବିବାହିତ . . . . . . .

୮. ଧର୍ମାନ୍ତରିତ ହେବାକୁ ଯାଉଥିବା ବ୍ୟକ୍ତିଙ୍କ ଉପରେ ଯଦି କେହି ନିର୍ଭରଶୀଳ ଥାନ୍ତି, ତେବେ ସେମାନଙ୍କ ନାମ . . . . .

୯. ଯଦି ବ୍ୟକ୍ତି ଜଣକ ନାବାଳକ, ତେବେ ତାଙ୍କର କେହି ଅଭିଭାବକ ଥିଲେ ତାଙ୍କ ନାମ . . . . . . . . .

୧୦.ସେ ଅନୁସୂଚୀତ ଜାତି କିମ୍ବା ଜନଜାତିର ଅନ୍ତର୍ଗତ ଅଟନ୍ତି କି ? ଯଦି ହଁ, ତେବେ ସେହି ଜାତି ବା ଜନଜାତି ସମ୍ବନ୍ଧରେ ସବିଶେଷ ବିବରଣ . . . . . . . . . . . . . .

୧୧.ଯେଉଁ ସ୍ଥାନରେ ଧର୍ମାନ୍ତର ଉତ୍ସବ ଅନୁଷ୍ଠିତ ହେବ, ତହିଁର ନାମ ଏବଂ ସଂପୂର୍ଣ୍ଣ ବିବରଣୀ :

ଘର ସଂଖ୍ୟା . . . . .
ୱାର୍ଡ ସଂଖ୍ୟା . . . . . .
ମହଲା . . . . . . .
ଗ୍ରାମ . . . . . .
ତହସିଲ୍ . . . . . .
ଜିଲ୍ଲା . . . . . . .

୧୨.ଧର୍ମାନ୍ତରଣର ପ୍ରସ୍ତାବିତ ତାରିଖ . . . . . . .

୧୩.ଯେଉଁ ବ୍ୟକ୍ତି ଧର୍ମାନ୍ତରଣ ଉତ୍ସବ ସମ୍ପାଦନ କରିବେ, ତାଙ୍କର ଠିକଣା. . . .. . . . . . . . . .

୧୪.ପୁରୋହିତ/ଅବଗତି ପ୍ରେରକଙ୍କୁ ଛାଡି ଆଉ ଅନ୍ତତଃ ଦୁଇଜଣ ବ୍ୟକ୍ତିଙ୍କ ନାମ, ଯେ କି ଧର୍ମାନ୍ତରଣ ଉତ୍ସବ ସମୟରେ ଉପସ୍ଥିତ ରହିଥିବେ . . . . . . . . . . . . . .. . . . . . . . .

## ଧର୍ମ-ପୁରୋହିତ/ଧର୍ମାନ୍ତରଣ ଉତ୍ସବରେ ଯୋଗଦାନକାରୀ ବ୍ୟକ୍ତିଙ୍କ ସ୍ୱାକ୍ଷର

## ସତ୍ୟପାଠ

ମୁଁ ନିମ୍ନ ସ୍ୱାକ୍ଷରକାରୀ ଏତଦ୍ୱାରା ଘୋଷଣା କରୁଛି ଯେ, ଉଲ୍ଲିଖିତ ବିଷୟମାନ ଏବଂ ତଥ୍ୟାବଳୀ ମୋର ସର୍ବୋତ୍ତମ ଜ୍ଞାନ ଏବଂ ବିଶ୍ୱାସ ଅନୁଯାୟୀ ସତ୍ୟ ଅଟେ ।

ସ୍ଥାନ . . . . .
ତାରିଖ . . . . . . .
ପୁରୋହିତଙ୍କ ସ୍ୱାକ୍ଷର . . . . . . .

# ଫର୍ମ- ବି

ଓଡିଶା ଧାର୍ମିକ ସ୍ୱାଧୀନତା ନିୟମାବଳୀ, ୧୯୮୯ର ନିୟମ-୫ ଅଧୀନରେ ଶ୍ରୀ . . . . .. .. . .. . . . . ପିତା . . . . . . . . . . . . . . . . . . . . . . ନିବାସୀ . . .. . . . . . . . . . .. ଙ୍କ ଠାରୁ ଶ୍ରୀ . . . . .. . . . . .. . . . . . . . . . . . . ପିତା . . . . .. . . . . . . . . . ନିବାସୀ . . .. . . . . . . . . . ଙ୍କର . . . . . . . . ଧାର୍ମିକ ବିଶ୍ୱାସରୁ . . . .. . . . ଧାର୍ମିକ ବିଶ୍ୱାସକୁ ପରିବର୍ତ୍ତନ ସମ୍ବନ୍ଧରେ ଏକ ଅବଗତି ହସ୍ତଗତ ହୋଇଛି ।

ତାରିଖ:

ଜିଲ୍ଲା ମାଜିଷ୍ଟ୍ରେଟ୍ . . . . . . . .

# ଫର୍ମ- ସି

**ଧର୍ମାନ୍ତରଣ ରେଜିଷ୍ଟର୍**

୧. ଧର୍ମାନ୍ତରିତ ବ୍ୟକ୍ତିଙ୍କ ନାମ . . . .. .

୨. ଧର୍ମାନ୍ତରିତ ବ୍ୟକ୍ତିଙ୍କ ପିତାଙ୍କ ନାମ . . . . .

୩. ଧର୍ମାନ୍ତରିତ ବ୍ୟକ୍ତିଙ୍କ ପୁରା ଠିକଣା:

ଘର ସଂଖ୍ୟା . . . . .
ୱାର୍ଡ ସଂଖ୍ୟା . . . . . .
ମହଲା . . . . . . .
ଗ୍ରାମ . . . . . .
ତହସିଲ୍ . . . . . .
ଜିଲ୍ଲା . . . . . . ..

୪. ବୟସ . . . . .

୫. ଲିଙ୍ଗ . . . . .

୬. ଧର୍ମାନ୍ତରିତ ହେବାକୁ ଥିବା ବ୍ୟକ୍ତିଙ୍କ ପେଷା ଏବଂ ମାସିକ ଆୟ . . . . . .

୭. ବିବାହିତ କି ଅବିବାହିତ . . . . . . .

୮. ଧର୍ମାନ୍ତରିତ ହେବାକୁ ଥିବା ବ୍ୟକ୍ତିଙ୍କ ଉପରେ ଯଦି କେହି ନିର୍ଭରଶୀଳ ଥାନ୍ତି, ତେବେ ସେମାନଙ୍କ ନାମ . . . . .

୯. ଯଦି ବ୍ୟକ୍ତି ଜଣକ ନାବାଳକ, ତେବେ ତାଙ୍କର କେହି ଅଭିଭାବକ ଥିଲେ ତାଙ୍କ ନାମ . . . . . .

୧୦.ସେ ଅନୁସୂଚୀତ ଜାତି କିମ୍ବା ଜନଜାତିର ଅନ୍ତର୍ଗତ ଅଛନ୍ତି କି ? ଯଦି ଥାଆନ୍ତି, ତେବେ ସେହି ଜାତି ବା ଜନଜାତି ସମ୍ବନ୍ଧରେ ସବିଶେଷ ବିବରଣ . . . . . . .

୧୧.ଯେଉଁ ସ୍ଥାନରେ ଧର୍ମାନ୍ତର ଉତ୍ସବ ଅନୁଷ୍ଠିତ ହେବ, ତହିଁର ନାମ ଏବଂ ପୂର୍ଣ୍ଣ ବିବରଣୀ :

ଘର ସଂଖ୍ୟା . . . . .
ଓ୍ୱାର୍ଡ ସଂଖ୍ୟା . . . . . .
ମହଲା . . . . . . .
ଗ୍ରାମ . . . . . .
ତହସିଲ୍ . . . . . .
ଜିଲ୍ଲା . . . . . . .

୧୨.ଧର୍ମାନ୍ତରଣର ତାରିଖ . . . . . . .

୧୩.ଧର୍ମାନ୍ତରଣ ଉତ୍ସବକୁ ସମ୍ପାଦନ କରିଥିବା ବ୍ୟକ୍ତିଙ୍କ ନାମ ଓ ଠିକଣା . . . .

୧୪.ପୁରୋହିତ/ଅବଗତି ପ୍ରେରକଙ୍କୁ ଛାଡି ଆଉ ଅନ୍ତତଃ ଦୁଇଜଣ ବ୍ୟକ୍ତିଙ୍କ ନାମ, ଯେ କି ଧର୍ମାନ୍ତରଣ ଉତ୍ସବ ସମୟରେ ଉପସ୍ଥିତ ରହିଥିବେ . . . . . . .

# ଫର୍ମ- ଡି

.... . . . . . . ମାସର ବିବରଣୀ

୧. ମାସ ଭିତରେ ହସ୍ତଗତ ହୋଇଥିବା ଅବଗତିଗୁଡିକର ସଂଖ୍ୟା . . . . . . .

୨. ଧର୍ମ-ଓ୍ୱାରୀ ଅବଗତି – ସବିଶେଷ ସଂଖ୍ୟା ସହ
କେଉଁ ଧର୍ମରୁ ପରିବର୍ତ୍ତନ କେଉଁ ଧର୍ମକୁ ପରିବର୍ତ୍ତନ

୩. ଯଦି ଏହି ଆଇନ୍ ଅଧୀନରେ କୌଣସି ଅଭିଯୋଜନ ଅନୁଷ୍ଠିତ ହୋଇଥାଏ, ତେବେ ତହିଁର ସଂଖ୍ୟା . . . . . . .

୪. ମାସ ଭିତରେ କେତେ ଜଣ ବ୍ୟକ୍ତି ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ଓ କେତେଜଣ ଦୋଷୀ -ସାବ୍ୟସ୍ତ ହୋଇଛନ୍ତି . . . . . . . .

ଜିଲ୍ଲା ମାଜିଷ୍ଟ୍ରେଟ୍ . . . . . . . . . . . .

**(Translated from English into Oriya by Chitta Behera, M.A. LL.B., At- 4A Jubilee Tower, Choudhury Bazar, Cuttack-9, Mobile: 9437577546, Email: chittabehera1@yahoo.co.in, 10 Aug.07)**